# ଜାତୀୟ ମହିଳା କମିଶନ୍ ଆଇନ୍, ୧୯୯୦
## (୧୯୯୦ର ଆଇନ୍ ସଂଖ୍ୟା ୨୦)

ଏକ ଜାତୀୟ ମହିଳା କମିଶନ୍‌ର ପ୍ରତିଷ୍ଠା ଏବଂ ତତ୍‌ସଂକ୍ରାନ୍ତ ବା ଆନୁଷଙ୍ଗିକ ବିଷୟଗୁଡିକ ଉପରେ ପ୍ରାବ୍‌ଧାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ,

ଭାରତୀୟ ପ୍ରଜାତନ୍ତ୍ରର ୪୧ତମ ବର୍ଷରେ ସଂସଦ ଦ୍ୱାରା ନିମ୍ନମତେ ଏହି ଆଇନ୍‌ଟି ପ୍ରଣୟନ କରା ଯାଉଛି –

### ଅଧ୍ୟାୟ-୧ : ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଏବଂ ପ୍ରାରମ୍ଭ -**

(୧) ଏହି ଆଇନ୍‌କୁ ଜାତୀୟ ମହିଳା କମିଶନ୍ ଆଇନ୍, ୧୯୯୦ କୁହାଯାଇପାରେ ।

(୨) ଜାମ୍ମୁ ଓ କାଶ୍ମୀରକୁ ଛାଡି ଏହା ସମଗ୍ର ଭାରତବର୍ଷ ପାଇଁ ପ୍ରଯୁଜ୍ୟ ।

(୩) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଲବତ୍ତର ହେବ ।

**୨. ସଂଜ୍ଞାମାନ-**

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ –

(ଏ) **'କମିଶନ୍'** କହିଲେ ଧାରା-୩ ଅଧୀନରେ ପ୍ରତିଷ୍ଠିତ ଜାତୀୟ ମହିଳା କମିଶନ୍ ;

(ବି) **'ସଦସ୍ୟ'** କହିଲେ ସଦସ୍ୟ-ସଚିବଙ୍କ ସମେତ କମିଶନ୍‌ର ଜଣେ ସଦସ୍ୟ ;

(ସି) **'ବିହିତ'** କହିଲେ ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ହେବା;

### ଅଧ୍ୟାୟ-୨ : ଜାତୀୟ ମହିଳା କମିଶନ୍

**୩. ଜାତୀୟ ମହିଳା କମିଶନ୍‌ଙ୍କ ପ୍ରତିଷ୍ଠା-**

(୧) ଜାତୀୟ ମହିଳା କମିଶନ୍ ନାମରେ କେନ୍ଦ୍ର ସରକାର ଏକ କମିଶନ୍ ପ୍ରତିଷ୍ଠା କରିବେ, ଯେ କି ଏହି ଆଇନ୍ ଅଧୀନରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀକୁ ପ୍ରୟୋଗ ଏବଂ କାର୍ଯ୍ୟାବଳୀକୁ ସମ୍ପାଦନ କରିବେ ।

(୨) କମିଶନ୍ ନିମ୍ନୋକ୍ତ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ-

(ଏ) ମହିଳାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧ ଥିବା ଜଣେ ମହିଳା, ଯାହାଙ୍କୁ ଅଧ୍ୟକ୍ଷା ରୂପେ କେନ୍ଦ୍ର ସରକାର ମନୋନୀତ କରିବେ;

(ବି) ଆଇନ୍ ବା ଆଇନ୍ ପ୍ରଣୟନ, ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ, ମହିଳା-ନିଯୁକ୍ତିର ସମ୍ଭାବନାକୁ ସଂପ୍ରସାରଣ କରିବାର ଲକ୍ଷ୍ୟ ପ୍ରତି ଉତ୍ସର୍ଗୀକୃତ ହୋଇଥିବା ଏକ ଶିଳ୍ପସଂସ୍ଥା ବା ସଂଗଠନର ପରିଚାଳନା, ମହିଳା ସ୍ୱେଚ୍ଛାସେବୀ ସଂଗଠନ (ମହିଳା ସଂଗଠନଙ୍କ ସମେତ), ପ୍ରଶାସନ, ଆର୍ଥିକ ଉନ୍ନୟନ, ସ୍ୱାସ୍ଥ୍ୟ, ଶିକ୍ଷା ବା ସମାଜ କଲ୍ୟାଣ କ୍ଷେତ୍ରରେ ଅଭିଜ୍ଞତା ଅର୍ଜନ କରିଥିବା ତଥା ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେନ୍ଦ୍ର ସରକାର ମନୋନୀତ କରିଥିବା ୫ଜଣ ସଦସ୍ୟ;

**ପରନ୍ତୁ,** ଯଥାକ୍ରମେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତି ମଧ୍ୟରୁ ଅନ୍ୟୂନ ଜଣେ ଲେଖାଁ ବ୍ୟକ୍ତି ସଦସ୍ୟ ରହିବେ ।

(ସି) କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ଜଣେ ସଦସ୍ୟ-ସଚ୍ଚୀବ, ଯେ କି,

(୧) ପରିଚାଳନା, ସାଂଗଠନିକ ବ୍ୟବସ୍ଥା ବା ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ଜଣେ ବିଶେଷଜ୍ଞ ହୋଇଥିବେ; କିମ୍ବା

(୨) ଯଥୋଚିତ ଅଭିଜ୍ଞତା ଥିବା ଏପରି ଜଣେ ଅଧିକାରୀ ହୋଇଥିବେ, ଯେ କି କେନ୍ଦ୍ର ଅଧୀନରେ କୌଣସି ଏକ ପ୍ରଶାସନିକ ସେବା ବା କୌଣସି ସର୍ବ-ଭାରତୀୟ ପ୍ରଶାସନିକ ସେବାର ସଦସ୍ୟ ହୋଇଥିବେ ବା କେନ୍ଦ୍ର ଅଧୀନରେ କୌଣସି ପ୍ରଶାସନିକ ପଦବୀରେ ଅବସ୍ଥାପିତ ଥିବେ ।

**୪. ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କ କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ-**

(୧) ଅଧ୍ୟକ୍ଷା ଏବଂ ପ୍ରତି ସଦସ୍ୟଙ୍କ କାର୍ଯ୍ୟକାଳ ତାହା ହିଁ ହେବ, ଯାହାକି ଏଥି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ବିହିତ ହୋଇପାରେ, କିନ୍ତୁ ୩ବର୍ଷରୁ ଅଧିକ ହେବ ନାହିଁ ।

(୨) ଯଥାସ୍ଥିତି ଅଧ୍ୟକ୍ଷା କିମ୍ବା ଜଣେ ସଦସ୍ୟ (ସଦସ୍ୟ-ସଚ୍ଚୀବ, ଯେ କି କେନ୍ଦ୍ର ଅଧୀନସ୍ଥ କୌଣସି ଏକ ପ୍ରଶାସନିକ ସେବା ବା କୌଣସି ସର୍ବ-ଭାରତୀୟ ପ୍ରଶାସନିକ ସେବାର ସଦସ୍ୟ ଥିବେ ବା କେନ୍ଦ୍ର ଅଧୀନରେ କୌଣସି ପ୍ରଶାସନିକ ପଦବୀରେ ଅବସ୍ଥାପିତ

ଥିବେ, ତାଙ୍କ ବ୍ୟତିରେକ) ଯେ କୌଣସି ସମୟରେ କେନ୍ଦ୍ର ସରକାରଙ୍କୁ ସମ୍ବୋଧନ କରି ଲିଖିତ ଭାବେ ନିଜ ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି ।

(୩) କେନ୍ଦ୍ର ସରକାର ଉପଧାରା (୨)ରେ ସୂଚୀତହୋଇଥିବା ଜଣେ ବ୍ୟକ୍ତିଙ୍କୁ ଅଧ୍ୟକ୍ଷା ପଦବୀରୁ କିମ୍ବା ସଦସ୍ୟ ପଦବୀରୁ ବହିଷ୍କାର କରିପାରନ୍ତି, ଯଦି ସେହି ବ୍ୟକ୍ତି -

(ଏ) ଅବିରାମ ଭାବେ ଦେବାଳିଆ ହୋଇପଡନ୍ତି ;

(ବି) ଏଭଳି ଏକ ଅପରାଧରେ ଦୋଷୀ-ସାବ୍ୟସ୍ତ ହୋଇ ଜେଲ୍‌ଦଣ୍ଡ ପାଇଛନ୍ତି, ଯାହାକି କେନ୍ଦ୍ର ସରକାରଙ୍କ ମତରେ ନୈତିକ ଭ୍ରଷ୍ଟାଚାର ସହ ଜଡିତ ;

(ସି) ମାନସିକ ବିକୃତିରେ ଆକ୍ରାନ୍ତ ହୋଇଛନ୍ତି ଏବଂ ଏହି ମର୍ମରେ ଏକ କ୍ଷମତାପ୍ରାପ୍ତ ଅଦାଲତଙ୍କ ଦ୍ୱାରା ଘୋଷିତ ହୋଇଛନ୍ତି ;

(ଡି) କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛୁକ ବା ଅକ୍ଷମ ;

(ଇ) ନିଜର ଅନୁପସ୍ଥିତି ପାଇଁ କମିଶନ୍‌ଙ୍କ ଠାରୁ ଅନୁମତି ନନେଇ କ୍ରମାଗତ ଭାବେ କମିଶନ୍‌ଙ୍କର ୩ଟି ବୈଠକରେ ଅନୁପସ୍ଥିତ ରୁହନ୍ତି ;

(ଏଫ୍) କେନ୍ଦ୍ର ସରକାରଙ୍କ ମତରେ ଅଧ୍ୟକ୍ଷା କିମ୍ବା ସଦସ୍ୟ ପଦବୀକୁ ଏପରି ଅପବ୍ୟବହାର କରିଛନ୍ତି, ଯାହା ଫଳରେ ସେହି ବ୍ୟକ୍ତି ତାଙ୍କ ପଦବୀରେ ବଜାୟ ରହିଲେ ଜନସ୍ୱାର୍ଥ ବାଧାଗ୍ରସ୍ଥ ହେବ;

**ପରନ୍ତୁ,** ସଂପୃକ୍ତ ବ୍ୟାପାରରେ ତାଙ୍କୁ ତାଙ୍କର ବକ୍ତବ୍ୟ ଶୁଣେଇବା ପାଇଁ ଯଥୋଚିତ ସୁଯୋଗ ନଦେଇ କୌଣସି ବ୍ୟକ୍ତିଙ୍କୁ ଏହି ଧାରା-ଖଣ୍ଡ ଅଧୀନରେ ବହିଷ୍କାର କରାଯିବ ନାହିଁ ।

(୪) ଉପଧାରା(୨) ଅଧୀନରେ ବା ଅନ୍ୟ କୌଣସି କାରଣରୁ ଏକ ପଦବୀ ଖାଲି ପଡିଲେ ତାହା ସଦ୍ୟ ମନୋନୟନ ଦ୍ୱାରା ପୂରଣ କରାଯିବ ।

(୫) ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ ତାହା ହିଁ ହେବ, ଯାହା କି ବିହିତ କରାଯାଇପାରେ ।

## ୫. କମିଶନ୍‌ର ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀବୃନ୍ଦ-

(୧) ଏହି ଆଇନ୍ ଅଧୀନରେ କମିଶନ୍ ନିଜର କାର୍ଯ୍ୟାବଳୀକୁ ଦକ୍ଷତାର ସହ ସମ୍ପାଦନ କରିବା ପାଇଁ ଯେଉଁ ସବୁ ଅଧିକାରୀ ଏବଂ କର୍ମଚାରୀମାନଙ୍କର ଆବଶ୍ୟକ ପଡିବ, ସେ ସବୁକୁ କେନ୍ଦ୍ର ସରକାର ଯୋଗାଇଦେବେ।

(୨) କମିଶନ୍‌ଙ୍କ ପ୍ରୟୋଜନ ନିମନ୍ତେ ନିଯୁକ୍ତ ହୋଇଥିବା ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ ତାହା ହିଁ ହେବ, ଯାହା କି ବିହିତ କରାଯାଇପାରେ।

## ୬. ଅନୁଦାନ-ଅର୍ଥରାଶିରୁ ବେତନ ଓ ଭତ୍ତାସମୂହର ପଇଠ-

ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଧାରା-୫ରେ ସୂଚୀତ ହୋଇଥିବା ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ, ଭତ୍ତାସମୂହ ଓ ଅବସରକାଳୀନ ଭତ୍ତା ସମେତ ପ୍ରଶାସନିକ ଖର୍ଚ୍ଚ ଧାରା-୧୧ ଅଧୀନସ୍ଥ ଉପଧାରା(୧)ରେ ସୂଚୀତ ହୋଇଥିବା ଅନୁଦାନରୁ ପଇଠ କରାଯିବ।

## ୭. ପଦବୀ ଖାଲିଥିବା ଇତ୍ୟାଦି କାରଣରୁ କମିଶନ୍‌ଙ୍କ କାର୍ଯ୍ୟବିଧି ଅକାମୀ ନହେବା-

କମିଶନ୍‌ରେ ପଦବୀ ଖାଲି ପଡିଛି କିମ୍ବା କମିଶନ୍‌ର ଗଠନ ତ୍ରୁଟିଯୁକ୍ତ ହୋଇଛି, କେବଳ ଏହି ପ୍ରକାର କାରଣ ଯୋଗୁଁ କମିଶନ୍‌ଙ୍କ କୌଣସି କାର୍ଯ୍ୟ ବା କାର୍ଯ୍ୟବିଧି ଉପରେ ପ୍ରଶ୍ନ ଉଠାଯାଇ ପାରିବନାହିଁ କିମ୍ବା ତାହା ଅକାମୀ ହୋଇଯିବ ନାହିଁ।

## ୮. କମିଶନ୍‌ଙ୍କ କମିଟିସମୂହ-

(୧) କମିଶନ୍ ସମୟାନ୍ତରରେ ହାତକୁ ନେଉଥିବା ସ୍ୱତନ୍ତ୍ର ପ୍ରସଙ୍ଗଗୁଡିକ ଉପରେ ବିଚାର ବିମର୍ଷ କରିବା ପାଇଁ ଆବଶ୍ୟକ ମତେ କମିଟିମାନ ନିଯୁକ୍ତ କରିପାରନ୍ତି।

(୨) କମିଶନ୍‌ର ସଦସ୍ୟ ହୋଇନଥିବା ସେତେ ସଂଖ୍ୟକ ବ୍ୟକ୍ତିଙ୍କୁ କମିଶନ୍ ଉପଧାରା (୧) ଅଧୀନରେ ଗଠିତ ହୋଇଥିବା କୌଣସି ଏକ କମିଟିରେ ସଦସ୍ୟ ରୂପେ ସହବରଣ

କରିପାରନ୍ତି, ଯାହା କି କମିଶନ୍‌ଙ୍କ ମତରେ ଯଥୋଚିତ ଏବଂ ଏପ୍ରକାର ସହବରିତ ବ୍ୟକ୍ତିମାନଙ୍କର କମିଟିର ବୈଠକରେ ଯୋଗଦେବା ତଥା ଏହାର କାର୍ଯ୍ୟବିଧିରେ ଅଂଶଗ୍ରହଣ କରିବାର ଅଧିକାର ରହିବ, କିନ୍ତୁ ଭୋଟ୍ ଦେବାର ଅଧିକାର ରହିବ ନାହିଁ ।

(୩) ଉପରୋକ୍ତ ମତେ ସହବରିତ ହୋଇଥିବା ବ୍ୟକ୍ତିମାନଙ୍କୁ କମିଟିର ବୈଠକଗୁଡ଼ିକରେ ଯୋଗଦାନ ବାବଦକୁ ସେହି ଭତ୍ତାସମୂହ ପ୍ରାପ୍ୟ ହେବ, ଯାହାକି ବିହିତ ହୋଇପାରେ ।

**୯. କମିଶନ୍‌ଙ୍କ ଦ୍ୱାରା କାର୍ଯ୍ୟପ୍ରକ୍ରିୟାର ନିୟନ୍ତ୍ରଣ-**

(୧) କମିଶନ୍ ବା କମିଶନ୍‌ଙ୍କର ଗୋଟିଏ କମିଟିର ବୈଠକ ଆବଶ୍ୟକ ମତେ ଯେବେ ବି ବସିପାରେ ଏବଂ ଏହା ସେହି ସମୟ ଏବଂ ସ୍ଥାନରେ ବସିବ, ଯାହା କି ଅଧ୍ୟକ୍ଷା ଉପଯୁକ୍ତ ମନେ କରନ୍ତି ।

(୨) କମିଶନ୍ ନିଜର କାର୍ଯ୍ୟପ୍ରକ୍ରିୟା ସହିତ ତାଙ୍କ ଅଧୀନସ୍ଥ କମିଟିର କାର୍ଯ୍ୟପ୍ରକ୍ରିୟାକୁ ନିୟନ୍ତ୍ରଣ କରିବେ ।

(୩) କମିଶନ୍‌ଙ୍କ ସମସ୍ତ ଆଦେଶ ଏବଂ ନିଷ୍ପତ୍ତି ସଦସ୍ୟ-ସଚିବ ବା ତଦୁଦ୍ଦେଶ୍ୟରେ ତାଙ୍କ ଦ୍ୱାରା ଯଥାବିଧି ପ୍ରାଧିକୃତ ହୋଇଥିବା କମିଶନ୍‌ର ଅନ୍ୟ ଜଣେ ଅଧିକାରୀଙ୍କ ଦ୍ୱାରା ଅଧିପ୍ରମାଣିତ ହେବ ।

## ଅଧ୍ୟାୟ-୩: କମିଶନ୍‌ଙ୍କ କାର୍ଯ୍ୟାବଳୀ

**୧୦. କମିଶନ୍‌ଙ୍କ କାର୍ଯ୍ୟାବଳୀ-**

କମିଶନ୍ ନିମ୍ନମତେ ସମସ୍ତ କିମ୍ବା କୌଣସି କାର୍ଯ୍ୟ ସମ୍ପାଦନ କରିବେ, ଯଥା-

(ଏ) ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡ଼ିକ ଅଧୀନରେ ମହିଳାମାନଙ୍କ ପାଇଁ ପ୍ରଦତ୍ତ ସୁରକ୍ଷାଗୁଡ଼ିକ ସଂବନ୍ଧୀତ ସମସ୍ତ ବିଷୟଗୁଡ଼ିକୁ ଅନୁସନ୍ଧାନ ଏବଂ ପରୀକ୍ଷା କରିବା;

(ବି) ଏହିସବୁ ସୁରକ୍ଷାଗୁଡ଼ିକର କାର୍ଯ୍ୟକାରିତା ସମ୍ବନ୍ଧରେ ବର୍ଷକୁ ଥରେ ବା ନିଜେ ଯଥାର୍ଥ ମନେ କଲେ ଅନ୍ୟ ସମୟରେ କେନ୍ଦ୍ର ସରକାରଙ୍କୁ ବିବରଣୀମାନ ପ୍ରଦାନ କରିବା;

(ସି) ମହିଳାମାନଙ୍କ ସ୍ଥିତିର ଉନ୍ନତି କଳ୍ପେ କେନ୍ଦ୍ର ବା କୌଣସି ରାଜ୍ୟ ଦ୍ୱାରା ସେହିସବୁ ସୁରକ୍ଷାଗୁଡିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ପାଇଁ ଉପରୋକ୍ତ ବିବରଣୀମାନଙ୍କରେ ନିଜର ସୁପାରିଶ୍ ପ୍ରଦାନ କରିବା;

(ଡି) ମହିଳାମାନଙ୍କୁ ପ୍ରଭାବିତ କରୁଥିବା ସମ୍ବିଧାନ ଏବଂ ଅନ୍ୟ ଆଇନ୍‌ଗୁଡିକର ସାଂପ୍ରତିକ ପ୍ରାବ୍‌ଧାନଗୁଡିକୁ ସମୟାନ୍ତରରେ ସମୀକ୍ଷା କରିବା ତଥା ସେଥିରେ ଥିବା କୌଣସି ତ୍ରୁଟି, ଅଭାବ ବା ବିଚ୍ୟୁତିର ଦୂରୀକରଣ ପାଇଁ ପ୍ରତିକାରାତ୍ମକ ବୈଧାନିକ ପଦକ୍ଷେପମାନ ଗ୍ରହଣ କରିବା ସକାଶେ ସଂଶୋଧନଗୁଡିକର ସୁପାରିଶ୍ କରିବେ;

(ଇ) ସଂବିଧାନ ଓ ଅନ୍ୟ ଆଇନ୍‌ମାନଙ୍କରେ ମହିଳାମାନଙ୍କ ପାଇଁ ଥିବା ପ୍ରାବ୍‌ଧାନ ଗୁଡିକର ଉଲ୍ଲଂଘନ ମାମଲାଗୁଡିକ ଉପରେ ଯଥୋଚିତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆହ୍ୱାନ୍ କରିବେ;

(ଏଫ୍) ଅଭିଯୋଗଗୁଡିକୁ ଧ୍ୟାନ ଦେବା ତଥା ନିମ୍ନୋକ୍ତ ବ୍ୟାପାରରେ ସ୍ୱଂୟଚାଳିତ ହୋଇ ଧ୍ୟାନନିବେଶ କରିବା;

(୧) ମହିଳାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବା;
(୨) ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ ତଥା ସମାନତା ଏବଂ ବିକାଶର ଲକ୍ଷ୍ୟ-ହାସଲ ପାଇଁ ପ୍ରଣୀତ ହୋଇଥିବା ଆଇନ୍‌ଗୁଡିକର ଅକାର୍ଯ୍ୟକାରିତା ;
(୩) ମହିଳାମାନଙ୍କ କଷ୍ଟ-ଲାଘବ ପାଇଁ, ସେମାନଙ୍କର ହିତସାଧନକୁ ସୁନିଶ୍ଚିତ କରିବା ପାଇଁ ତଥା ସେମାନଙ୍କୁ ଉପଶମ ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିବା ନୀତିଗତ ନିଷ୍ପତ୍ତି, ମାର୍ଗଦର୍ଶୀକା ବା ନିର୍ଦ୍ଦେଶାବଳୀକୁ ଅମାନ୍ୟ କରିବା;

ଏବଂ ଏତାଦୃଶ ବ୍ୟାପାରରୁ ସୃଷ୍ଟି ହୋଇଥିବା ପ୍ରସଙ୍ଗଗୁଡିକୁ ଯଥୋଚିତ କର୍ତ୍ତୃପକ୍ଷଙ୍କ ସ୍ତରରେ ମୁକାବିଲା କରିବା ।

(ଜି) ମହିଳାମାନଙ୍କ ବିରୁଦ୍ଧରେ ବାଛବିଚାର ଏବଂ ନିର୍ଯ୍ୟାତନା ଯୋଗୁଁ ଉତ୍ପନ୍ନ ହେଉଥିବା ନିର୍ଦ୍ଦିଷ୍ଟ ସମସ୍ୟା ଏବଂ ପରିସ୍ଥିତିଗୁଡିକ ଉପରେ ସ୍ୱତନ୍ତ୍ର ଅଧ୍ୟୟନ ବା ଅନୁସନ୍ଧାନ ପାଇଁ ପଦକ୍ଷେପ ନେବା ତଥା ତଦ୍ୱାରା ପ୍ରତିବନ୍ଧକଗୁଡିକୁ

ଚିହ୍ନଟ କରିବା, ଯାହା ଫଳରେ କି ସେଗୁଡିକର ଦୂରୀକରଣ ପାଇଁ ଆବଶ୍ୟକ ପଡୁଥିବା କାର୍ଯ୍ୟକୌଶଳକୁ ସୁପାରିଶ୍ କରିହେବ;

(ଏଚ୍) ସମସ୍ତ କ୍ଷେତ୍ରରେ ମହିଳାମାନଙ୍କ ଯଥାର୍ଥ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଦିଗରେ ଉପାୟଗୁଡିକୁ ବଢେଇବା ପାଇଁ ପ୍ରୋତ୍ସାହନମୂଳକ ତଥା ଶୈକ୍ଷଣିକ ଗବେଷଣା ଆୟୋଜନ କରିବା ଏବଂ ମହଳାମାନଙ୍କର ଅଗ୍ରଗତିକୁ ବାଧାଗ୍ରସ୍ତ କରୁଥିବା କାରଣଗୁଡିକୁ ଚିହ୍ନଟ କରିବା, ଯଥା ବାସଗୃହ ଏବଂ ମୌଳିକ ସୁବିଧାଗୁଡିକର ଅଭାବ, କଠିନ ଶ୍ରମ ଏବଂ କର୍ମସ୍ଥଳୀର ସ୍ୱାସ୍ଥ୍ୟ ସମସ୍ୟାକୁ ଲାଘବ କରିବା ପାଇଁ ତଥା ମହିଳାମାନଙ୍କର ଉତ୍ପାଦନ-କ୍ଷମତାକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ସହାୟତା ସେବା ଏବଂ ପ୍ରଯୁକ୍ତିବିଦ୍ୟାର ସ୍ୱଚ୍ଛତା ।

(ଆଇ) ମହିଳାମାନଙ୍କ ସାମାଜିକ-ଆର୍ଥିକ ବିକାଶର ଯୋଜନା-ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ତଥା ସେ ସମ୍ବନ୍ଧରେ ପରାମର୍ଶ ଦେବା;

(ଜେ) କେନ୍ଦ୍ର ବା କୌଣସି ରାଜ୍ୟରେ ମହିଳା ବିକାଶର ଅଗ୍ରଗତିକୁ ମୂଲ୍ୟାୟନ କରିବା;

(କେ) ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା

## ଅଧ୍ୟାୟ-୪ : ଅର୍ଥ, ହିସାବ ଓ ସମୀକ୍ଷା

### ୧୧. କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁଦାନ ମଞ୍ଜୁରି-

(୧) ସଂସଦ ଦ୍ୱାରା ଏଥି ଉଦ୍ଦେଶ୍ୟରେ ଯଥାବିଧି ଅର୍ଥରାଶି ଗୃହୀତ ହେଲାପରେ ଏହି ଆଇନ୍‌ର ଉଦ୍ଦେଶ୍ୟଗୁଡିକ ପାଇଁ ବିନିଯୁକ୍ତ ହେବାକୁ ଥିବା ସେହି ପରିମାଣର ଅର୍ଥରାଶି କେନ୍ଦ୍ର ସରକାର କମିଶନ୍‌ଙ୍କୁ ଅନୁଦାନ ଆକାରରେ ମଞ୍ଜୁର କରିପାରନ୍ତି, ଯାହାକି ତାଙ୍କ ମତରେ ଯଥୋଚିତ ।

(୨) ଏହି ଆଇନ୍ ଅଧୀନରେ ନିଜର କାର୍ଯ୍ୟାବଳୀ ସମ୍ପାଦନ ପାଇଁ କମିଶନ୍ ସେହି ପରିମାଣର ଅର୍ଥରାଶି ବ୍ୟୟ କରିପାରନ୍ତି, ଯାହା କି ତାଙ୍କ ମତରେ ଯଥାର୍ଥ ଏବଂ ଏହି ଅର୍ଥରାଶିକୁ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନରାଶିରୁ ପ୍ରାପ୍ୟ ବ୍ୟୟରାଶି ବୋଲି ବିବେଚନା କରାଯିବ ।

## ୧୨. ହିସାବ ଏବଂ ସମୀକ୍ଷା-

(୧) ମହାଲେଖକ ଏବଂ ମହାସମୀକ୍ଷକ (କମ୍ପ୍ଟ୍ରୋଲର୍ ଏଣ୍ଡ୍ ଅଡିଟର୍ ଜେନେରାଲ୍)ଙ୍କ ସହ ପରାମର୍ଶ କ୍ରମେ କେନ୍ଦ୍ର ସରକାର ଯେଉଁ ପ୍ରଣାଳୀ ବିହିତ କରିବେ, ତଦନୁସାରେ କମିଶନ୍ ନିଜର ହିସାବ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡଗୁଡିକ ଯଥାର୍ଥ ଢଙ୍ଗରେ ଅନୁରକ୍ଷଣ କରିବେ ତଥା ଏକ ବାର୍ଷିକ ହିସାବ ବିବରଣୀ ପ୍ରସ୍ତୁତ କରିବେ ।

(୨) ମହାଲେଖକ ଏବଂ ମହାସମୀକ୍ଷକ କମିଶନ୍ ହିସାବପତ୍ରକୁ ସେହି ସମୟାନ୍ତରରେ ସମୀକ୍ଷଣ କରିବେ, ଯାହା ତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇପାରେ ଏବଂ ଏତାଦୃଶ ସମୀକ୍ଷଣ ସଂକ୍ରାନ୍ତରେ ଯେଉଁ ଅର୍ଥରାଶି ବ୍ୟୟ ହେବ, ତାହା କମିଶନ୍ ମହାଲେଖକ ଏବଂ ମହାସମୀକ୍ଷକଙ୍କୁ ପଇଠ କରିବେ ।

(୩) ମହାଲେଖକ ଏବଂ ମହାସମୀକ୍ଷକ ଏବଂ ଏହି ଆଇନ୍ ଅଧୀନରେ କମିଶନ୍‌ଙ୍କ ହିସାବ-ସମୀକ୍ଷଣ ପାଇଁ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କର ସେହିସବୁ ଅଧିକାର ଏବଂ ସାଧିକାର ଏବଂ ପ୍ରାଧିକାର ରହିବ, ଯାହାକି ସରକାରୀ ହିସାବପତ୍ର ସମୀକ୍ଷଣ କରିବା ପରିପ୍ରେକ୍ଷୀରେ ସାଧାରଣତଃ ମହାଲେଖକ ଏବଂ ମହାସମୀକ୍ଷକଙ୍କର ଥାଏ ଏବଂ ବିଶେଷକରି ସେ ଯେ କୌଣସି ଖାତା, ହିସାବ, ସଂପର୍କୀତ ରସିଦ୍ ଏବଂ ଅନ୍ୟାନ୍ୟ ଦଲିଲ୍ ଏବଂ କାଗଜପତ୍ରକୁ ତାଙ୍କ ପାଖରେ ଦାଖଲ କରିବା ପାଇଁ ତଥା କମିଶନ୍‌ଙ୍କ ଯେ କୌଣସି କାର୍ଯ୍ୟାଳୟକୁ ନିରୀକ୍ଷଣ କରିବା ପାଇଁ ବରାଦ୍ କରିବା ସକାଶେ ତାଙ୍କର ଅଧିକାର ରହିଛି ।

(୪) ମହାଲେଖକ ଏବଂ ମହାସମୀକ୍ଷକ ବା ତାଙ୍କ ଦ୍ୱାରା ଏଥି ଉଦ୍ଦେଶ୍ୟରେ ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବା କମିଶନ୍‌ଙ୍କ ହିସାବ-ପତ୍ର ତଥା ଏହା ଉପରେ ପ୍ରସ୍ତୁତ ହିସାବ-ସମୀକ୍ଷା ବିବରଣୀ (ଅଡିଟ୍ ରିପୋର୍ଟ), ଉଭୟକୁ କମିଶନ୍ ବର୍ଷକୁ ଥରେ କେନ୍ଦ୍ର ସରକାରଙ୍କ ନିକଟକୁ ଅଭିପ୍ରେରଣ କରିବେ ।

## ୧୩. ବାର୍ଷିକ ବିବରଣୀ-

ପୂର୍ବ ଆର୍ଥିକ ବର୍ଷର କାର୍ଯ୍ୟକଳାପର ଏକ ପୂର୍ଣ୍ଣାଙ୍ଗ ବିବରଣକୁ ଉଲ୍ଲେଖ କରି ପ୍ରତି ଆର୍ଥିକ ବର୍ଷ ପାଇଁ କମିଶନ୍ ସେହି ପ୍ରଣାଳୀ ଓ ସେହି ସମୟରେ ନିଜର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯାହାକି ବିହିତ ହୋଇପାରେ, ଏବଂ ତାହାର ଏକ ନକଲକୁ କେନ୍ଦ୍ର ସରକାରଙ୍କ ନିକଟକୁ ଅଭିପ୍ରେରଣ କରିବେ।

## ୧୪. ସଂସଦରେ ବାର୍ଷିକ ବିବରଣୀ ଏବଂ ହିସାବ-ସମୀକ୍ଷା ବିବରଣୀର ଉପସ୍ଥାପନ-

ବାର୍ଷିକ ବିବରଣୀରେ ସ୍ଥାନିତ ସେହି ସୁପାରିଶ୍‌ଗୁଡିକ, ଯେଉଁଗୁଡିକ ସହ କେନ୍ଦ୍ର ସରକାର ସଂଶ୍ଳିଷ୍ଟ, ସେସବୁ ଉପରେ ଗୃହୀତ କାର୍ଯ୍ୟାନୁଷ୍ଠାନ ତଥା ଯଦି କୌଣସି ସୁପାରିଶ ଅଗ୍ରାହ୍ୟ ହୋଇଥାଏ, ତେବେ ତହିଁର କାରଣମାନ ସୂଚୀତ କରି ଏକ ସ୍ମାରକ ଲିପି ସହିତ କେନ୍ଦ୍ର ସରକାର ଏକ ବାର୍ଷିକ ବିବରଣୀ ଏବଂ ହିସାବ-ସମୀକ୍ଷା ବିବରଣୀକୁ ସେହିସବୁ ବିବରଣୀଗୁଡିକ ତାଙ୍କର ହସ୍ତଗତ ହେବା ପରେ ଯଥାଶୀଘ୍ର ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଇବେ।

## ଅଧ୍ୟାୟ ୫: ବିବିଧ

## ୧୫. କମିଶନ୍‌ର ଅଧ୍ୟକ୍ଷା, ସଦସ୍ୟଗଣ ଏବଂ କର୍ମଚାରୀବୃନ୍ଦଙ୍କୁ ଜନସେବକ ରୂପେ ମାନ୍ୟତା-

କମିଶନ୍‌ର ଅଧ୍ୟକ୍ଷା, ସଦସ୍ୟଗଣ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଭାରତୀୟ ଦଣ୍ଡବିଧି ସଂହିତା (୧୮୬୦ର ସଂଖ୍ୟା ୪୫) ଅନ୍ତର୍ଗତ ଧାରା ୨୧ର ନିହିତାର୍ଥ ଅନୁଯାୟୀ ଜନସେବକ ବୋଲି ବିବେଚନା କରାଯିବ।

## ୧୬. କମିଶନ୍‌ଙ୍କ ସହ କେନ୍ଦ୍ର ସରକାରଙ୍କ ପରାମର୍ଶ -

ମହିଳାମାନଙ୍କୁ ପ୍ରଭାବିତ କରୁଥିବା ସମସ୍ତ ବୃହତ୍ ନୀତିଗତ ନିଷ୍ପତ୍ତି ଉପରେ କେନ୍ଦ୍ର ସରକାର କମିଶନ୍‌ଙ୍କ ସହ ପରାମର୍ଶ କରିବେ।

## ୧୭. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା-

(୨) ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକୁ ବାସ୍ତବାୟନ କରବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ପୂର୍ବକ ନିୟମାବଳୀ ପ୍ରଣୟନ କରିପାରନ୍ତି।

(୩) ପୂର୍ବ-ସୂଚୀତ କ୍ଷମତାର ସାଧାରଣତ୍ୱକୁ କ୍ଷୁର୍ଣ୍ଣ ନକରି, ଏହି ନିୟମାବଳୀ ବିଶେଷ କରି ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟରେ ପ୍ରାବ୍‌ଧାନ କରିପାରେ, ଯଥା-

(ଏ) ଧାରା-୪ର ଉପଧାରା(୫) ଅଧୀନରେ ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ତଥା ଧାରା-୫ର ଉପଧାରା(୨) ଅଧୀନରେ ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ;

(ବି) ଧାରା-୮ ର ଉପଧାରା (୩) ଅଧୀନରେ ସହବରିତ ବ୍ୟକ୍ତିମାନଙ୍କ ଦ୍ୱାରା କମିଟି ବୈଠକଗୁଡିରେ ଯୋଗଦାନ ବାବଦକୁ ଭତ୍ତାସମୂହ;

(ସି) ଧାରା-୧୦ର ଉପଧାରା(୪) ଅଧୀନସ୍ଥ ଧାରାଖଣ୍ଡ (ଏଫ୍) ଅଧୀନରେ ଅନ୍ୟାନ୍ୟ ବିଷୟମାନ ;

(ଡି) ଧାରା ୧୨ର ଉପଧାରା(୧) ଅଧୀନରେ ବାର୍ଷିକ ହିସାବ ବିବୃତ୍ତି ଅନୁରକ୍ଷିତ ହେବାର ଫର୍ମ ;

(ଇ) ଧାରା ୧୩ ଅଧୀନରେ ପ୍ରସ୍ତୁତ ହେବାକୁ ଥିବା ବାର୍ଷିକ ବିବରଣୀର ଫର୍ମ ଏବଂ ସମୟ ;

(ଏଫ୍) ଅନ୍ୟ କୌଣସି ବିଷୟ ଯାହାକି ବିହିତ କରାଯିବା ଆବଶ୍ୟକ ବା କରାଯାଇ ପାରେ ।

(୩) ଯେତେବେଳେ ସଂସଦର ଅଧିବେଶନ ସମୁଦାୟ ସମୟକାଳ ୩୦ଦିନ ପାଇଁ ଚାଲୁ ଥାଏ, ଏବଂ ଏହି ସମୟକାଳ ଏକ ବା ଦୁଇ ବା ତତୋଧିକ ଲଗାତାର ଅଧିବେଶନକୁ ବ୍ୟାପ୍ତ ହୋଇଥାଇପାରେ, ସେତେବେଳେ ଏହି ଧାରା ଅଧୀନରେ ପ୍ରଣୀତ ପ୍ରତି ନିୟମାବଳୀକୁ ସଂସଦର ପ୍ରତି ଗୃହରେ ଉପସ୍ଥାପନ କରାଯିବ, ଏବଂ ଉଲ୍ଲିଖିତ ଅଧିବେଶନ ବା ଲଗାତାର ଅଧିବେଶନଗୁଡିକର ସମାପ୍ତି ପୂର୍ବରୁ ଯଦି ଉଭୟ ଗୃହ ନିୟମାବଳୀରେ କୌଣସି ସଂଶୋଧନ ଆଣିବା ପାଇଁ ସହମତ ହୁଅନ୍ତି ଅଥବା ସେମାନେ ସହମତ ହୁଅନ୍ତି ଯେ ଏହି ନିୟମାବଳୀ ପ୍ରଣୟନ ହେବା କଥା ନୁହେଁ, ତେବେ ଏହାପରେ ଯଥାସ୍ଥିତି ନିୟମାବଳୀ ସେହି ସଂଶୋଧିତ ରୂପରେ ପ୍ରଭାବଶାଳୀ ରହିବ ନଚେତ୍ ଏହା କୌଣସି ପ୍ରଭାବ ବହନ କରିବ ନାହିଁ; କିନ୍ତୁ ଏତାଦୃଶ ସଂଶୋଧନ ବା ପ୍ରତ୍ୟାଖ୍ୟାନ ବଳରେ ଉକ୍ତ ନିୟମାବଳୀ ଅଧିନରେ ସମ୍ପାଦିତ ହୋଇଥିବା କୌଣସି କାର୍ଯ୍ୟର ବୈଧତା କ୍ଷୁର୍ଣ୍ଣ ହେବ ନାହିଁ ।

# ଓଡିଶା (ରାଜ୍ୟ) ମହିଳା କମିଶନ୍ ଆଇନ୍, ୧୯୯୩

**(ଓଡିଶା ଗେଜେଟ୍,ଅସାଧାରଣ ସଂଖ୍ୟା-୧୧୯୮ ତା ୭.୧୦.୧୯୯୪ରେ ପ୍ରକାଶିତ)**

***(ବଳବତ୍ତର ହେବାର ତାରିଖ ୧୯.୧୨.୧୯୯୪, ଦ୍ରଷ୍ଟବ୍ୟ- ଓଡିଶା ଗେଜେଟ୍, ଅସାଧାରଣ ସଂଖ୍ୟା-୧୫୧୯/୧୯୯୪, ଏସ୍.ଆର୍.ଓ. ସଂଖ୍ୟା- ୧୧୮୨/୧୯୯୪)***

(No.13859/Legis- ଓଡିଶା ବିଧାନସଭାର ନିମ୍ନୋକ୍ତ ଆଇନ୍‌ଟି ୨୪.୯.୧୯୯୪ରେ ରାଷ୍ଟ୍ରପତିଙ୍କ ସହମତି ଲାଭ କଲା ପରେ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଛି )

ଗୋଟିଏ ରାଜ୍ୟ ମହିଳା କମିଶନ୍‌ର ପ୍ରତିଷ୍ଠା ଏବଂ ତତ୍‌ସଂକ୍ରାନ୍ତ ବା ଆନୁଷଙ୍ଗିକ ବିଷୟଗୁଡିକ ଉପରେ ପ୍ରାବ୍‌ଧାନ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ,
ଭାରତୀୟ ପ୍ରଜାତନ୍ତ୍ରର ୪୪ତମ ବର୍ଷରେ ରାଜ୍ୟ ଆଇନ୍‌ସଭା ଦ୍ୱାରା ନିମ୍ନମତେ ଏହି ଆଇନ୍‌ଟି ପ୍ରଣୟନ କରାଯାଉଛି –

## ଅଧ୍ୟାୟ-୧ : ପ୍ରାରମ୍ଭିକ

**୧. ସଂକ୍ଷିପ୍ତ ଶିରୋନାମା, ପରିସର ଏବଂ ପ୍ରାରମ୍ଭ -**

(୧) ଏହି ଆଇନ୍‌କୁ ଓଡିଶା (ରାଜ୍ୟ) ମହିଳା କମିଶନ୍ ଆଇନ୍, ୧୯୯୪ କୁହାଯାଇପାରେ ।

(୨) ଏହା ସମଗ୍ର ଓଡିଶା ରାଜ୍ୟ ପାଇଁ ପ୍ରଯୁଜ୍ୟ ।

(୩) କେନ୍ଦ୍ର ସରକାର ଗେଜେଟ୍‌ରେ ବିଜ୍ଞାପନ ପୂର୍ବକ ଯେଉଁ ତାରିଖ ଧାର୍ଯ୍ୟ କରିବେ, ଏହା ସେହି ତାରିଖଠାରୁ ବଳବତ୍ତର ହେବ ।

**୨. ସଂଜ୍ଞାମାନ-**

ପରିପ୍ରେକ୍ଷୀ ଭିନ୍ନାର୍ଥ ଆବଶ୍ୟକ କରୁନଥିଲେ, ଏହି ଆଇନ୍‌ରେ –

(ଏ) **'କମିଶନ୍'** କହିଲେ ଧାରା-୩ ଅଧୀନରେ ପ୍ରତିଷ୍ଠିତ ରାଜ୍ୟ ମହିଳା କମିଶନ୍ ;

(ବି) **'ସଦସ୍ୟ'** କହିଲେ କମିଶନ୍‌ର ଜଣେ ସଦସ୍ୟ ;

(ସି) **'ବିହିତ'** କହିଲେ ଏହି ଆଇନ୍ ଅଧୀନରେ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ ହେବା;

## ଅଧ୍ୟାୟ-୨ : ରାଜ୍ୟ ମହିଳା କମିଶନ୍

**୩. ରାଜ୍ୟ ମହିଳା କମିଶନ୍‌ଙ୍କ ପ୍ରତିଷ୍ଠା-**

(୧) ରାଜ୍ୟ ମହିଳା କମିଶନ୍ ନାମରେ ରାଜ୍ୟ ସରକାର ଏକ କମିଶନ୍ ପ୍ରତିଷ୍ଠା କରିବେ, ଯେ କି ଏହି ଆଇନ୍ ଅଧୀନରେ ନ୍ୟସ୍ତ ହୋଇଥିବା କ୍ଷମତାବଳୀକୁ ପ୍ରୟୋଗ ଏବଂ କାର୍ଯ୍ୟାବଳୀକୁ ସମ୍ପାଦନ କରିବେ ।

(୨) କମିଶନ୍ ନିମ୍ନୋକ୍ତ ବ୍ୟକ୍ତିଙ୍କୁ ନେଇ ଗଠିତ ହେବ-

(ଏ) ମହିଳାଙ୍କ ସ୍ୱାର୍ଥ ପ୍ରତି ପ୍ରତିବଦ୍ଧ ଥିବା ଜଣେ ବିଶିଷ୍ଟ ସାମାଜିକ କର୍ମୀ ବା ବୃତ୍ତିଧାରୀ, ଯାହାଙ୍କୁ ଅଧ୍ୟକ୍ଷା ରୂପେ ରାଜ୍ୟ ସରକାର ମନୋନୀତ କରିବେ;

(ବି) ଦକ୍ଷତା, ସଚ୍ଚୋଟତା ଏବଂ ପ୍ରତିଷ୍ଠା ବହନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ରାଜ୍ୟ ସରକାର ମନୋନୀତ କରିଥିବା ୬ଜଣ ସଦସ୍ୟ, ଯେଉଁମାନଙ୍କ ମଧ୍ୟରେ ଥିବେ-

(୧) ଜଣେ ସରକାରୀ ବ୍ୟକ୍ତି,

(୨) ଜଣେ ବିଶିଷ୍ଟ ଓକିଲ,

(୩) ଦୁଇଜଣ ଜଣାଶୁଣା ସାମାଜିକ କର୍ମୀ, ଏବଂ

(୪) ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଦୁଇଜଣ ବିଶେଷଜ୍ଞ,

ପରନ୍ତୁ, ଯଥାକ୍ରମେ ଅନୁସୂଚୀତ ଜନଜାତି ଓ ଅନୁସୂଚୀତ ଜାତିରୁ ଅନ୍ୟୁନ ଜଣେ ଲେଖାଁ ବ୍ୟକ୍ତି ସଦସ୍ୟ ରହିବେ ।

(୩) ଓଡିଶା ସରକାରଙ୍କ ମହିଳା କଲ୍ୟାଣ ଦାୟିତ୍ୱରେ ଥିବା ଜଣେ ଅଧିକାରୀ, ଯେ କି ଉପ-ସଚ୍ଚୀବ (ଡେପୁଟି ସେକ୍ରେଟାରୀ) ପଦବୀ ଠାରୁ ନିମ୍ନ ପାହ୍ୟାର ହୋଇନଥିବେ, ସେ କମିଶନ୍‌ଙ୍କର ଆବାହକ-ସଚ୍ଚୀବ ରୂପେ କାର୍ଯ୍ୟ କରିବେ ଏବଂ ମହିଳାମାନଙ୍କ କଲ୍ୟାଣ ଏବଂ ରାଜ୍ୟର ଉନ୍ନୟନରେ ସେମାନଙ୍କର ଅଂଶଗ୍ରହଣ ସମ୍ବନ୍ଧରେ କାର୍ଯ୍ୟକ୍ରମ ଓ ନୀତିସମୂହ ବ୍ୟାପାରରେ କମିଶନ୍ ଏବଂ ସରକାରଙ୍କ ଭିତରେ ସମନ୍ୱୟକୁ ସହଜସାଧ୍ୟ କରିବା ତାଙ୍କର କର୍ତ୍ତବ୍ୟ ହେବ ।

**୪. ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କ କାର୍ଯ୍ୟକାଳ ଏବଂ ସେବା ସର୍ତ୍ତାବଳୀ-**

(୧) ଅଧ୍ୟକ୍ଷା ଏବଂ ପ୍ରତି ସଦସ୍ୟଙ୍କ କାର୍ଯ୍ୟକାଳ ତାହାହିଁ ହେବ, ଯାହାକି ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇପାରେ, କିନ୍ତୁ ଏହା ୩ବର୍ଷରୁ ଅଧିକ ହେବ ନାହିଁ ।

(୨) ଯଥାସ୍ଥିତି ଅଧ୍ୟକ୍ଷା କିମ୍ବା ଜଣେ ସଦସ୍ୟ (ସରକାରୀ ସଦସ୍ୟଙ୍କ ବ୍ୟତିରେକ) ଯେ କୌଣସି ସମୟରେ ରାଜ୍ୟ ସରକାରଙ୍କୁ ସମ୍ବୋଧନ କରି ଲିଖିତ ଭାବେ ନିଜ ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି ।

(୩) ରାଜ୍ୟ ସରକାର ଉପଧାରା (୨)ରେ ସୂଚୀତହୋଇଥିବା ଜଣେ ବ୍ୟକ୍ତିଙ୍କୁ ଅଧ୍ୟକ୍ଷା ପଦବୀରୁ କିମ୍ବା ସଦସ୍ୟ ପଦବୀରୁ ବହିଷ୍କାର କରିପାରନ୍ତି, ଯଦି ସେହି ବ୍ୟକ୍ତି –

(ଏ) ଅବିରାମ ଭାବେ ଦେବାଳିଆ ଅବସ୍ଥା ଭିତରେ ଗତି କରନ୍ତି ;

(ବି) ଏଭଳି ଏକ ଅପରାଧରେ ଦୋଷୀ-ସାବ୍ୟସ୍ତ ହୋଇ ଜେଲ୍‌ଦଣ୍ଡ ପାଇଛନ୍ତି, ଯାହାକି ରାଜ୍ୟ ସରକାରଙ୍କ ମତରେ ନୈତିକ ଭ୍ରଷ୍ଟାଚାର ସହ ଜଡିତ ;

(ସି) ମାନସିକ ବିକୃତିରେ ଆକ୍ରାନ୍ତ ହୋଇଛନ୍ତି ଏବଂ ଏହି ମର୍ମରେ ଏକ କ୍ଷମତାପ୍ରାପ୍ତ ଅଦାଲତଙ୍କ ଦ୍ୱାରା ଘୋଷିତ ହୋଇଛନ୍ତି ;

(ଡି) କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛୁକ ବା ଅକ୍ଷମ ;

(ଇ) ନିଜର ଅନୁପସ୍ଥିତି ପାଇଁ କମିଶନ୍‌ଙ୍କ ଠାରୁ ଅନୁମତି ନନେଇ କ୍ରମାଗତ ଭାବେ କମିଶନ୍‌ଙ୍କର ୩ଟି ବୈଠକରେ ଅନୁପସ୍ଥିତ ରୁହନ୍ତି ;

(ଏଫ୍) ରାଜ୍ୟ ସରକାରଙ୍କ ମତରେ ଅଧ୍ୟକ୍ଷା କିମ୍ବା ସଦସ୍ୟ ପଦବୀକୁ ଏପରି ଅପବ୍ୟବହାର କରିଛନ୍ତି, ଯାହା ଫଳରେ ସେହି ବ୍ୟକ୍ତି ତାଙ୍କ ପଦବୀରେ ବଜାୟ ରହିଲେ ଜନସ୍ୱାର୍ଥ ବାଧାଗ୍ରସ୍ତ ହେବ;

ପରନ୍ତୁ, ସଂପୃକ୍ତ ବ୍ୟାପାରରେ ତାଙ୍କୁ ତାଙ୍କର ବକ୍ତବ୍ୟ ଶୁଣେଇବା ପାଇଁ ଯଥୋଚିତ ସୁଯୋଗ ନଦେଇ କୌଣସି ବ୍ୟକ୍ତିଙ୍କୁ ଏହି ଧାରା-ଖଣ୍ଡ ଅଧୀନରେ ବହିଷ୍କାର କରାଯିବ ନାହିଁ ।

(୪) ଉପଧାରା(୨) ଅଧୀନରେ ବା ଅନ୍ୟ କୌଣସି କାରଣରୁ ଏକ ପଦବୀ ଖାଲି ପଡିଲେ ତାହା ସଦ୍ୟ ମନୋନୟନ ଦ୍ୱାରା ପୂରଣ କରାଯିବ ।

(୫) ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ ତାହା ହିଁ ହେବ, ଯାହା କି ବିହିତ କରାଯାଇପାରେ ।

**୫. କମିଶନ୍‌ର ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀବୃନ୍ଦ-**

(୧) ଏହି ଆଇନ୍ ଅଧୀନରେ କମିଶନ୍ ନିଜର କାର୍ଯ୍ୟାବଳୀକୁ ଦକ୍ଷତାର ସହ ସମ୍ପାଦନ କରିବା ପାଇଁ ଯେଉଁ ସବୁ ଅଧିକାରୀ ଏବଂ କର୍ମଚାରୀମାନଙ୍କର ଆବଶ୍ୟକ ପଡିବ, ସେ ସବୁକୁ ରାଜ୍ୟ ସରକାର ଯୋଗାଇଦେବେ ।

(୨) କମିଶନ୍‌ଙ୍କ ପ୍ରୟୋଜନ ନିମନ୍ତେ ନିଯୁକ୍ତ ହୋଇଥିବା ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ ତାହା ହିଁ ହେବ, ଯାହା କି ବିହିତ କରାଯାଇପାରେ ।

**୬. ଅନୁଦାନ-ଅର୍ଥରାଶିରୁ ବେତନ ଓ ଭତ୍ତାସମୂହର ପଇଠ-**

ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଧାରା-୫ରେ ସୂଚୀତ ହୋଇଥିବା ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ, ଭତ୍ତାସମୂହ ଓ ଅବସରକାଳୀନ ଭତ୍ତା ସମେତ ପ୍ରଶାସନିକ ଖର୍ଚ୍ଚ ଧାରା-୧୧ ଅଧୀନସ୍ଥ ଉପଧାରା(୧)ରେ ସୂଚୀତ ହୋଇଥିବା ଅନୁଦାନରୁ ପଇଠ କରାଯିବ ।

**୭. ପଦବୀ ଖାଲିଥିବା ଇତ୍ୟାଦି କାରଣରୁ କମିଶନ୍‌ଙ୍କ କାର୍ଯ୍ୟବିଧି ଅକାମୀ ନହେବା-**

କମିଶନ୍‌ରେ ପଦବୀ ଖାଲି ପଡିଛି କିମ୍ବା କମିଶନ୍‌ର ଗଠନ ତ୍ରୁଟିଯୁକ୍ତ ହୋଇଛି, କେବଳ ଏହି ପ୍ରକାର କାରଣ ଯୋଗୁଁ କମିଶନ୍‌ଙ୍କ କୌଣସି କାର୍ଯ୍ୟ ବା କାର୍ଯ୍ୟବିଧି ଉପରେ ପ୍ରଶ୍ନ ଉଠାଯାଇ ପାରିବନାହିଁ କିମ୍ବା ତାହା ଅକାମୀ ହୋଇଯିବ ନାହିଁ ।

**୮. କମିଟିସମୂହ-**

(୧) କମିଶନ୍ ସମୟାନ୍ତରରେ ହାତକୁ ନେଉଥିବା ସ୍ୱତନ୍ତ୍ର ପ୍ରସଙ୍ଗଗୁଡିକ ଉପରେ ବିଚାର ବିମର୍ଷ କରିବା ପାଇଁ ଆବଶ୍ୟକ ମତେ କମିଟିମାନ ନିଯୁକ୍ତ କରିପାରନ୍ତି ।

(୨) କମିଶନ୍‌ର ସଦସ୍ୟ ହୋଇନଥିବା ସେତେ ସଂଖ୍ୟକ ବ୍ୟକ୍ତିଙ୍କୁ କମିଶନ୍ ଉପଧାରା (୧) ଅଧୀନରେ ଗଠିତ ହୋଇଥିବା କୌଣସି ଏକ କମିଟିରେ ସଦସ୍ୟ ରୂପେ ସହବରଣ କରିପାରନ୍ତି, ଯାହା କି କମିଶନ୍‌ଙ୍କ ମତରେ ଯଥୋଚିତ ଏବଂ ଏପ୍ରକାର ସହବରିତ

ବ୍ୟକ୍ତିମାନଙ୍କର କମିଟିର ବୈଠକରେ ଯୋଗଦେବା ତଥା ଏହାର କାର୍ଯ୍ୟବିଧିରେ ଅଂଶଗ୍ରହଣ କରିବାର ଅଧିକାର ରହିବ, କିନ୍ତୁ ଭୋଟ୍ ଦେବାର ଅଧିକାର ରହିବ ନାହିଁ।

(୩) ଉପରୋକ୍ତ ମତେ ସହବରିତ ହୋଇଥିବା ବ୍ୟକ୍ତିମାନଙ୍କୁ କମିଟିର ବୈଠକଗୁଡିକରେ ଯୋଗଦାନ ବାବଦକୁ ସେହି ଭତ୍ତାସମୂହ ପ୍ରାପ୍ୟ ହେବ, ଯାହାକି ବିହିତ ହୋଇପାରେ।

**୯. କମିଶନ୍‌ଙ୍କ ଦ୍ୱାରା କାର୍ଯ୍ୟପ୍ରକ୍ରିୟାର ନିୟନ୍ତ୍ରଣ-**

(୧) କମିଶନ୍ ବା କମିଶନ୍‌ଙ୍କର ଗୋଟିଏ କମିଟିର ବୈଠକ ଆବଶ୍ୟକ ମତେ ଯେବେ ବି ଅନୁଷ୍ଠିତ ହୋଇପାରେ ଏବଂ ଏହା ସେହି ସମୟ ଏବଂ ସ୍ଥାନରେ ବସିବ, ଯାହା କି ଅଧ୍ୟକ୍ଷା ଉପଯୁକ୍ତ ମନେ କରନ୍ତି।

(୨) କମିଶନ୍ ନିଜର କାର୍ଯ୍ୟପ୍ରକ୍ରିୟା ସହିତ ତାଙ୍କ ଅଧୀନସ୍ଥ କମିଟିର କାର୍ଯ୍ୟପ୍ରକ୍ରିୟାକୁ ନିୟନ୍ତ୍ରଣ କରିବେ।

(୩) କମିଶନ୍‌ଙ୍କ ସମସ୍ତ ଆଦେଶ ଏବଂ ନିଷ୍ପତ୍ତି ଆବାହକ-ସଚ୍ଚୀବ ବା ତଦୁଦ୍ଦେଶ୍ୟରେ ତାଙ୍କ ଦ୍ୱାରା ଯଥାବିଧି ପ୍ରାଧିକୃତ ହୋଇଥିବା କମିଶନ୍‌ର ଅନ୍ୟ ଜଣେ ଅଧିକାରୀଙ୍କ ଦ୍ୱାରା ଅଧିପ୍ରମାଣିତ ହେବ।

## ଅଧ୍ୟାୟ-୩: କମିଶନ୍‌ଙ୍କ କାର୍ଯ୍ୟାବଳୀ

**୧୦. କମିଶନ୍‌ଙ୍କ କାର୍ଯ୍ୟାବଳୀ-**

(୧) କମିଶନ୍ ନିମ୍ନମତେ ସମସ୍ତ କିମ୍ବା କୌଣସି କାର୍ଯ୍ୟ ସମ୍ପାଦନ କରିବେ, ଯଥା-

(ଏ) ନିମ୍ନୋକ୍ତ ବିଷୟରେ ବିଶଦ୍ ଅଧ୍ୟୟନ କରିବେ -

(୧) ଆଦିବାସୀ-ବହୁଳ ଜିଲ୍ଲା ଏବଂ ଅଞ୍ଚଳସମୂହ, ଯେଉଁଗୁଡ଼ିକ କି ମହିଳା ସାକ୍ଷରତା, ମହିଳା ମୃତ୍ୟୁ ଏବଂ ଆର୍ଥିକ ଉନ୍ନୟନ ଦୃଷ୍ଟିରୁ ଅନଗ୍ରସର, ସେଗୁଡ଼ିକ ଉପରେ ସବିଶେଷ ଗୁରୁତ୍ୱ ପ୍ରଦାନ କରିବା ସହିତ ସମଗ୍ର ରାଜ୍ୟରେ ମହିଳାଙ୍କର ଆର୍ଥିକ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟଗତ ସ୍ଥିତି; ଓ

(୨) କାରଖାନା, ଶିଳ୍ପସଂସ୍ଥା, ନିର୍ମାଣସ୍ଥଳୀ ଏବଂ ଏତାଦୃଶ ସ୍ଥିତିରେ ମହିଳାମାନେ କେଉଁ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି ;

ଏବଂ ଉପରୋକ୍ତ କ୍ଷେତ୍ରଗୁଡିକରେ ମହିଳାମାନଙ୍କର ସ୍ଥିତିର ଉନ୍ନତି କଳ୍ପେ ନିର୍ଦ୍ଦିଷ୍ଟ ବିବରଣୀଗୁଡିକ ଭିତ୍ତିରେ ରାଜ୍ୟ ସରକାରଙ୍କୁ ସୁପାରିଶ୍ କରିବେ ;

(ବି) ମହିଳାମାନଙ୍କ ବିରୁଦ୍ଧରେ ଘଟୁଥିବା ସମସ୍ତ ପ୍ରକାର ଅପରାଧର ଦୃଷ୍ଟାନ୍ତକୁ ଭିତ୍ତି କରି ସମୟାନ୍ତରରେ, ବିଶେଷ କରି କେତେକ ବଛାବଛା କ୍ଷେତ୍ରରେ ସୂଚନା ସଂକଳନ କରିବେ. ଯେଉଁଗୁଡିକ ଭିତରେ ଅନ୍ତର୍ଭୁକ୍ତ ରହିବ ଏହିସବୁ ବିଷୟ, ଯଥା, ବିବାହ ଏବଂ ଯୌତୁକ, ବଳାତ୍କାର, ଅପହରଣ, ଅପରାଧିକ ଉଦ୍ଦେଶ୍ୟରେ ବଳାପହରଣ, ମହିଳାମାନଙ୍କୁ ହରକତ୍, ମହିଳାଙ୍କୁ ନେଇ ଅନୈତିକ କାରବାର, ପ୍ରସୂତୀ କିମ୍ବା ବନ୍ଧ୍ୟାକରଣ କ୍ଷେତ୍ରରେ ଡାକ୍ତରୀ ଅବହେଳା ବା ଗର୍ଭଧାରଣ କିମ୍ବା ଶିଶୁପ୍ରସବ କ୍ଷେତ୍ରରେ ଚିକିତ୍ସାକେନ୍ଦ୍ରର କୌଣସି ଅପକାର୍ଯ୍ୟ ;

(ସି) ମହିଳା ନିର୍ଯ୍ୟାତନାର ଘଟଣା ଦୃଷ୍ଟିଗୋଚର ହେବା ମାତ୍ରେ, ସମଗ୍ର ରାଜ୍ୟରେ ବା ନିର୍ଦ୍ଦିଷ୍ଟ ଅଞ୍ଚଳଗୁଡିକରେ ଏହା ବିରୁଦ୍ଧରେ ଜନମତ ସୃଷ୍ଟି କରିବା ପାଇଁ ରାଜ୍ୟ ଏବଂ ଜିଲ୍ଲା ସେଲ୍‌ଗୁଡିକ ସହ ସମନ୍ୱୟ ବଜାୟ ରଖିବେ, ଯଦ୍ୱାରା ଏତାଦୃଶ ନିର୍ଯ୍ୟାତନା ଜନିତ ଅପରାଧର ଘଟଣାକୁ ତୁରନ୍ତ ଲୋକଲୋଚନକୁ ଆଣିହେବ ଏବଂ ଠାବ କରିହେବ ତଥା ଅପରାଧୀଙ୍କ ବିରୁଦ୍ଧରେ ଜନମତ ସଂଗଠିତ କରିହେବ;

(ଡି) ନିମ୍ନୋକ୍ତ ଅଭିଯୋଗଗୁଡ଼ିକୁ ଗ୍ରହଣ କରିବେ –

(୧) ମହିଳାମାନଙ୍କ ଉପରେ ନିର୍ଯ୍ୟାତନା ଓ ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ;

(୨) ସର୍ବନିମ୍ନ ମଜୁରି, ମୌଳିକ ସ୍ୱାସ୍ଥ୍ୟସେବା ଏବଂ ମାତୃତ୍ୱର ଅଧିକାର ସଂପର୍କୀତ ଅଧିକାରରୁ ମହିଳାମାନଙ୍କୁ ବଞ୍ଚିତ କରିବା ;

(୩) ମହିଳାମାନଙ୍କ ସଂପର୍କରେ ସରକାରଙ୍କ ନୀତିଗତ ନିଷ୍ପତ୍ତିର ଅବଜ୍ଞା ;

(୪) ପରିତ୍ୟକ୍ତା ଏବଂ ନିଃସହାୟା ମହିଳା ତଥା ବାଧ୍ୟକରି ଯୌନକର୍ମରେ ଲିପ୍ତ କରାଯାଇଥିବା ମହିଳାଙ୍କର ଥଇଥାନ ;

(୫) ହାଜତ୍ ଭିତରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ;

ଏବଂ ସଂପୃକ୍ତ କର୍ତ୍ତୃପକ୍ଷଗଣ ଯଥୋଚିତ ପ୍ରତିକାରାତ୍ମକ ପଦକ୍ଷେପ ନେବା ସକାଶେ ସେମାନଙ୍କୁ ପ୍ରବର୍ତ୍ତାଇବେ;

(ଇ) ରାଜ୍ୟର ଗରୀବ ମହିଳାମାନଙ୍କୁ ଆଇନ୍‌ଗତ ପରାମର୍ଶ ପ୍ରଦାନ କରବା ତଥା ଆଇନ୍‌ଗତ ସହାୟତା ପାଇବା ପାଇଁ ସେମାନଙ୍କୁ ସକ୍ଷମ କରାଇବା ଉଦ୍ଦେଶ୍ୟରେ ବେସରକାରୀ ସଂଗଠନଗୁଡ଼ିକୁ ସାହାଯ୍ୟ ଓ ତାଲିମ୍ ପ୍ରଦାନ କରିବା ତଥା ସେମାନଙ୍କର ମନୋଭାବକୁ ତଦନୁଯାୟୀ ପ୍ରସ୍ତୁତ କରିବା; ଏବଂ

(ଏଫ୍) ଗୋଟିଏ ଜେଲ୍, ପ୍ରତିପ୍ରେରଣ ଗୃହ, ମହିଳା ଅନୁଷ୍ଠାନ ବା ଅନ୍ୟ କୌଣସି ଅଭିରକ୍ଷା ସ୍ଥଳ, ଯେଉଁଠି ମହିଳାମାନଙ୍କୁ କଏଦୀ ବା ଅନ୍ୟ ରୂପରେ ରଖାଯାଇଥାଏ, ସେସବୁ ସ୍ଥାନକୁ ନିଜେ ନିରୀକ୍ଷଣ କରିବା ବା ଅନ୍ୟ କାହାଦ୍ୱାରା ନିରୀକ୍ଷଣ କରାଇବା ଏବଂ ଯଦି କୌଣସି ପ୍ରତିକାରମୂଳକ ପଦକ୍ଷେପ ଆବଶ୍ୟକ ପଡୁଥାଏ, ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଧ୍ୟାନ ଆକର୍ଷଣ କରିବା ;

(ଜି) ରାଜ୍ୟ ସରକାରଙ୍କ ଦ୍ୱାରା ସୂଚୀତ ହୋଇଥିବା ମତେ ଅନ୍ୟ ଯେ କୌଣସି ବ୍ୟାପାରରେ ନିଜର କର୍ତ୍ତବ୍ୟ ସଂପାଦନ କରିବେ ।

(୨) ଉପଧାରା(୧) ଅଧୀନରେ କମିଶନ୍ ରାଜ୍ୟ ସରକାରଙ୍କୁ ଦେଇଥିବା ବିବରଣୀ ଓ ସୁପାରିଶ୍‌ସମୂହ ମଧ୍ୟରୁ ସବୁଗୁଡିକ କିମ୍ବା ତହିଁର କୌଣସି ଅଂଶବିଶେଷ, ଯାହାକି ରାଜ୍ୟ ସରକାରଙ୍କ ସହ ସଂବନ୍ଧୀତ, ଏବଂ ତତ୍ ସହିତ କମିଶନ୍‌ଙ୍କ ସୁପାରିଶ୍‌ସମୂହ ଉପରେ ଗୃହୀତ ଏବଂ ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନର ଏକ ବିବରଣୀ ଏବଂ ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାଯାଇଥାଏ, ତେବେ ତହିଁର କାରଣମାନ ଉଲ୍ଲେଖ କରି ରାଜ୍ୟ ସରକାର ରାଜ୍ୟ ଆଇନ୍‌ସଭାରେ ଉପସ୍ଥାପନ କରିବେ ।

(୩) ଉପଧାରା (୧) ଅଧୀନସ୍ଥ ଧାରାଖଣ୍ଡ (ଏ)ରେ ସୂଚୀତ ହୋଇଥିବା କୌଣସି ବିଷୟକୁ ଅନୁସନ୍ଧାନ କଲାବେଳେ କମିଶନ୍‌ର ସେହିସବୁ କ୍ଷମତା ରହିବ, ଯାହାକି ଏକ ମୋକଦ୍ଦମା ବିଚାର କରୁଥିବା ଗୋଟିଏ ଦେଓ୍ୱାନି ଅଦାଲତର ଥାଏ, ଏବଂ ବିଶେଷକରି ନିମ୍ନୋକ୍ତ ବ୍ୟାପାରରେ, ଯଥା:

(ଏ) ଭାରତର ଯେ କୌଣସି ଅଞ୍ଚଳରୁ ଯେ କୌଣସି ବ୍ୟକ୍ତିଙ୍କୁ ସମନ୍ କରିବା ଏବଂ ତାଙ୍କର ହାଜିରାକୁ ସୁନିଶ୍ଚିତ କରାଇବା ତଥା ଶପଥ ଭିତ୍ତିରେ ତାଙ୍କୁ ଜେରା କରିବା;

(ବି) କୌଣସି ଦଲିଲ୍‌ର ଆବିଷ୍କାର ଓ ଦାଖଲ ପାଇଁ ବରାଦ୍ କରିପାରନ୍ତି ;

(ସି) ଶପଥ-ପାଠ ଭିତ୍ତିରେ ସାକ୍ଷ୍ୟ-ପ୍ରମାଣ ଗ୍ରହଣ କରିପାରନ୍ତି ;

(ଡି) କୌଣସି ଅଦାଲତ ବା କାର୍ଯ୍ୟାଳୟରୁ କୌଣସି ସର୍ବସାଧାରଣ ଦଲିଲ୍ ବା ଏହାର ନକଲକୁ ମଗାଇପାରନ୍ତି ;

(ଇ) କୌଣସି ସାକ୍ଷୀ ବା ଦଲିଲ୍‌କୁ ଯାଞ୍ଚ କରିବା ପାଇଁ ନୋଟିସ୍ କରିପାରନ୍ତି; ଏବଂ

(ଏଫ୍) ଅନ୍ୟ କୌଣସି ପ୍ରସଙ୍ଗ, ଯାହାକି ବିହିତ ହୋଇପାରେ ।

## ଅଧ୍ୟାୟ-୪ : ଅର୍ଥ, ହିସାବ ଓ ସମୀକ୍ଷା

### ୧୧. ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନ ମଞ୍ଜୁରି-

(୧) ବିଧାନସଭା ଦ୍ୱାରା ଏଥି ଉଦ୍ଦେଶ୍ୟରେ ଯଥାବିଧି ଅର୍ଥରାଶି ଗୃହୀତ ହେଲାପରେ ଏହି ଆଇନ୍‌ର ଉଦ୍ଦେଶ୍ୟଗୁଡିକ ପାଇଁ ବିନିଯୁକ୍ତ ହେବାକୁ ଥିବା ସେହି ପରିମାଣର ଅର୍ଥରାଶି ରାଜ୍ୟ ସରକାର କମିଶନ୍‌ଙ୍କୁ ଅନୁଦାନ ଆକାରରେ ମଞ୍ଜୁର କରିପାରନ୍ତି, ଯାହାକି ତାଙ୍କ ମତରେ ଯଥୋଚିତ ।

(୨) ଏହି ଆଇନ୍ ଅଧୀନରେ ନିଜର କାର୍ଯ୍ୟାବଳୀ ସମ୍ପାଦନ ପାଇଁ କମିଶନ୍ ସେହି ପରିମାଣର ଅର୍ଥରାଶି ବ୍ୟୟ କରିପାରନ୍ତି, ଯାହା କି ତାଙ୍କ ମତରେ ଯଥାର୍ଥ ଏବଂ ଏହି ଅର୍ଥରାଶିକୁ ଉପଧାରା (୧)ରେ ସୂଚୀତ ହୋଇଥିବା ଅନୁଦାନରାଶିରୁ ପ୍ରାପ୍ୟ ବ୍ୟୟରାଶି ବୋଲି ବିବେଚନା କରାଯିବ ।

### ୧୨. ହିସାବ ଏବଂ ସମୀକ୍ଷା-

(୧) କମିଶନ୍ ନିଜର ହିସାବ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ରେକର୍ଡଗୁଡିକ ଯଥାର୍ଥ ଢଙ୍ଗରେ ଅନୁରକ୍ଷଣ କରିବେ ତଥା ଏପରି ପଦ୍ଧତିରେ ଏକ ବାର୍ଷିକ ହିସାବ ବିବରଣୀ ପ୍ରସ୍ତୁତ କରିବେ, ଯାହା କି ଓଡିଶା ମହା ହିସାବ-ରକ୍ଷକଙ୍କ ପରାମର୍ଶ କ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ବିହିତ ହୋଇ ଥାଇପାରେ ।

(୨) ମହା ହିସାବ-ରକ୍ଷକ କମିଶନ୍‌ଙ୍କ ହିସାବପତ୍ରକୁ ସେହି ସମୟାନ୍ତରରେ ସମୀକ୍ଷଣ କରିବେ, ଯାହା ତାଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ହୋଇପାରେ ଏବଂ ଏତାଦୃଶ ସମୀକ୍ଷଣ ସଂକ୍ରାନ୍ତରେ ଯେଉଁ ଅର୍ଥରାଶି ବ୍ୟୟ ହେବ, ତାହା କମିଶନ୍ ମହା ହିସାବ-ରକ୍ଷକଙ୍କୁ ପଇଠ କରିବେ ।

(୩) ମହା ହିସାବ ରକ୍ଷକ ଏବଂ ଏହି ଆଇନ୍ ଅଧୀନରେ କମିଶନ୍‌ଙ୍କ ହିସାବ-ସମୀକ୍ଷଣ ପାଇଁ ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତିଙ୍କର ସେହିସବୁ ଅଧିକାର ଏବଂ ସାଧିକାର ଏବଂ ପ୍ରାଧିକାର ରହିବ, ଯାହାକି ସରକାରୀ ହିସାବପତ୍ର ସମୀକ୍ଷଣ କରିବା ପରିପ୍ରେକ୍ଷୀରେ ସାଧାରଣତଃ ମହା ହିସାବ-ରକ୍ଷକଙ୍କର ଥାଏ ଏବଂ ବିଶେଷକରି ସେ ଯେ କୌଣସି ଖାତା, ହିସାବ, ସଂପର୍କୀତ ରସିଦ୍ ଏବଂ ଅନ୍ୟାନ୍ୟ ଦଲିଲ୍ ଏବଂ କାଗଜପତ୍ରକୁ ତାଙ୍କ ପାଖରେ ଦାଖଲ କରିବା ପାଇଁ ତଥା କମିଶନ୍‌ଙ୍କ ଯେ କୌଣସି କାର୍ଯ୍ୟାଳୟକୁ ନିରୀକ୍ଷଣ କରିବା ପାଇଁ ବରାଦ୍ କରିବା ସକାଶେ ତାଙ୍କର ଅଧିକାର ରହିଛି ।

(୪) ମହା ହିସାବ-ରକ୍ଷକ ବା ତାଙ୍କ ଦ୍ୱାରା ଏଥି ଉଦ୍ଦେଶ୍ୟରେ ନିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣୀକୃତ ହୋଇଥିବା କମିଶନ୍‌ଙ୍କ ହିସାବ-ପତ୍ର ତଥା ଏହା ଉପରେ ପ୍ରସ୍ତୁତ ହିସାବ-ସମୀକ୍ଷା ବିବରଣୀ (ଅଡିଟ୍ ରିପୋର୍ଟ), ଉଭୟକୁ କମିଶନ୍ ବର୍ଷକୁ ଥରେ ରାଜ୍ୟ ସରକାରଙ୍କ ନିକଟକୁ ଅଭିପ୍ରେରଣ କରିବେ ।

### ୧୩. ବାର୍ଷିକ ବିବରଣୀ-

ପୂର୍ବ ଆର୍ଥିକ ବର୍ଷର କାର୍ଯ୍ୟକଳାପର ଏକ ପୂର୍ଣ୍ଣାଙ୍ଗ ବିବରଣକୁ ଉଲ୍ଲେଖ କରି ପ୍ରତି ଆର୍ଥିକ ବର୍ଷ ପାଇଁ କମିଶନ୍ ସେହି ପ୍ରଣାଳୀ ଓ ସେହି ସମୟରେ ନିଜର ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯାହାକି ବିହିତ ହୋଇପାରେ, ଏବଂ ତାହାର ଏକ ନକଲକୁ ରାଜ୍ୟ ସରକାରଙ୍କ ନିକଟକୁ ଅଭିପ୍ରେରଣ କରିବେ ।

### ୧୪. ବାର୍ଷିକ ବିବରଣୀ ଏବଂ ହିସାବ-ସମୀକ୍ଷା ବିବରଣୀର ଉପସ୍ଥାପନ-

ବାର୍ଷିକ ବିବରଣୀରେ ସ୍ଥାନିତ ସେହି ସୁପାରିଶ୍‌ଗୁଡିକ, ଯେଉଁଗୁଡିକ ସହ ରାଜ୍ୟ ସରକାର ସଂଶ୍ଳିଷ୍ଟ, ସେସବୁ ଉପରେ ଗୃହୀତ କାର୍ଯ୍ୟାନୁଷ୍ଠାନ ତଥା ଯଦି କୌଣସି ସୁପାରିଶ୍ ଅଗ୍ରାହ୍ୟ ହୋଇଥାଏ, ତେବେ ତହିଁର କାରଣମାନ ସୂଚୀତ କରି ଏକ ସ୍ମାରକ ଲିପି ସହିତ ଏକ ବାର୍ଷିକ ବିବରଣୀ ଏବଂ ହିସାବ-ସମୀକ୍ଷା ବିବରଣୀକୁ ରାଜ୍ୟ ସରକାର ସେହିସବୁ ବିବରଣୀଗୁଡିକ ତାଙ୍କର ହସ୍ତଗତ ହେବା ପରେ ଯଥାଶୀଘ୍ର ବିଧାନସଭାରେ ଉପସ୍ଥାପନ କରାଇବେ ।

## ଅଧ୍ୟାୟ ୫: ବିବିଧ

### ୧୫. କମିଶନ୍‌ର ଅଧ୍ୟକ୍ଷା, ସଦସ୍ୟଗଣ ଏବଂ କର୍ମଚାରୀବୃନ୍ଦଙ୍କୁ ଜନସେବକ ରୂପେ ମାନ୍ୟତା-

କମିଶନ୍‌ର ଅଧ୍ୟକ୍ଷା, ସଦସ୍ୟଗଣ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଭାରତୀୟ ଦଣ୍ଡବିଧି ସଂହିତା ଅଧୀନସ୍ଥ ଧାରା ୨୧ର ନିହିତାର୍ଥ ଅନୁଯାୟୀ ଜନସେବକ ବୋଲି ବିବେଚନା କରାଯିବ ।

**୧୬. କମିଶନ୍‌ଙ୍କ ସହ ରାଜ୍ୟ ସରକାରଙ୍କ ପରାମର୍ଶ -**

ମହିଳାମାନଙ୍କୁ ପ୍ରଭାବିତ କରୁଥିବା ସମସ୍ତ ବୃହତ୍ ନୀତିଗତ ନିଷ୍ପତ୍ତି ଉପରେ କେନ୍ଦ୍ର ସରକାର କମିଶନ୍‌ଙ୍କ ସହ ପରାମର୍ଶ କରିବେ ।

**୧୭. ନିୟମାବଳୀ ପ୍ରଣୟନ ପାଇଁ କ୍ଷମତା-**

(୧) ଏହି ଆଇନ୍‌ର ପ୍ରାବ୍‌ଧାନଗୁଡିକୁ ବାସ୍ତବାୟନ କରବା ପାଇଁ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶନ ପୂର୍ବକ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରନ୍ତି ।

(୨) ପୂର୍ବ-ସୂଚୀତ କ୍ଷମତାର ସାଧାରଣତ୍ୱକୁ କ୍ଷୁର୍ଣ୍ଣ ନକରି, ଏହି ନିୟମାବଳୀ ବିଶେଷ କରି ନିମ୍ନୋକ୍ତ ସମସ୍ତ ବା କୌଣସି ବିଷୟରେ ପ୍ରାବ୍‌ଧାନ କରିପାରେ, ଯଥା-

(ଏ) ଧାରା-୪ର ଉପଧାରା(୫) ଅଧୀନରେ ଅଧ୍ୟକ୍ଷା ଏବଂ ସଦସ୍ୟଗଣଙ୍କର ତଥା ଧାରା-୫ର ଉପଧାରା(୨) ଅଧୀନରେ ଅଧିକାରୀବୃନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ପ୍ରାପ୍ୟ ବେତନ ଏବଂ ଭତ୍ତାସମୂହ ତଥା ଅନ୍ୟାନ୍ୟ ସେବା ବିଧି ଏବଂ ସର୍ତ୍ତାବଳୀ;

(ବି) ଧାରା-୮ ର ଉପଧାରା (୩) ଅଧୀନରେ ସହବରିତ ବ୍ୟକ୍ତିମାନଙ୍କ ଦ୍ୱାରା କମିଟି ବୈଠକଗୁଡିରେ ଯୋଗଦାନ ବାବଦକୁ ଭତ୍ତାସମୂହ;

(ସି) ଧାରା-୧୦ର ଉପଧାରା(୩) ଅଧୀନସ୍ଥ ଧାରାଖଣ୍ଡ (ଏଫ୍) ଅଧୀନରେ ଅନ୍ୟାନ୍ୟ ବିଷୟମାନ ;

(ଡି) ଧାରା ୧୨ର ଉପଧାରା(୧) ଅଧୀନରେ ବାର୍ଷିକ ହିସାବ ବିବୃତ୍ତି ଅନୁରକ୍ଷିତ ହେବାର ଫର୍ମ ;

(ଇ) ଧାରା ୧୩ ଅଧୀନରେ ପ୍ରସ୍ତୁତ ହେବାକୁ ଥିବା ବାର୍ଷିକ ବିବରଣୀର ଫର୍ମ ଏବଂ ସମୟ ;

(ଏଫ୍) ଅନ୍ୟ କୌଣସି ବିଷୟ ଯାହାକି ବିହିତ କରାଯିବା ଆବଶ୍ୟକ ବା କରାଯାଇ ପାରେ ।

[Oriya Translation by Chitta Behera, 4A Jubilee Tower, Choudhury Bazar, Cuttack-9, PH: 0671-2308137 & 2308518, Mob: 9437577546, Email: chittabehera1@yahoo.co.in on 27.8.2007]